# କର୍ମଯୋଗୀ ବାଞ୍ଛାନିଧି

ଶ୍ରୀ ବଳରାମ ପାଣ୍ଡବ

କବି ବାଞ୍ଛାନିଧିଙ୍କ ସହିତ ୧୯୩୫ ମସିହା ଠାରୁ ତାଙ୍କ ଶେଷ ଜୀବନ ୧୯୩୮ ମସିହା ପର୍ଯ୍ୟନ୍ତ ମୁଁ ଓତଃପ୍ରୋତ ଭାବରେ ଜଡ଼ିତ ଥିଲି । ସେଦିନର ସ୍ମୃତି ଅପାଶୋରା ହୋଇ ରହିଛି । ଯେଉଁଦିନ ମୁଁ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଦେଶ ପାଇଁ କାମ କରିବା ଲାଗି ଆଗ୍ରହୀ ବୋଲି ସେ ଜାଣିଲେ, ସେଦିନ ବାଞ୍ଛାନିଧି ବାବୁ ବହୁ ଖୁସି ହୋଇଗଲେ । ଯେତେବେଳେ ମୁଁ ତାଙ୍କୁ ଘରେ ସାକ୍ଷାତ କଲି, ସେହି ଦିନ ଠାରୁ ସେ ମୋତେ ଏତେ ଭଲ ପାଇଲେ ଯେ, ମୁଁ ତାଙ୍କ ଘର ସହିତ ମିଶିଗଲି ।

କବି ତାଙ୍କ ଇରମ ଗରେ ଯେତେ ଦିନ ରହନ୍ତି, ସବୁ ଦିନ ସେଠାରେ ଲୋକ ଗହଳି ହୁଏ । ବହୁ କଥା ଆଲୋଚନା କରାଯାଏ । ସେ ଗରିବ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବୁଝନ୍ତି । ପ୍ରତିଦିନ ସଞ୍ଜ ସକାଳେ ତାଙ୍କ ଦାଣ୍ଡରେ ଏତେ ଲୋକ ଗହଳି ହୁଏ ଯେ, ମନେ ହେବ ସତେ ଯେପରି ଏକ ମେଳା ଚାଲିଛି । ତାଙ୍କର ଆର୍ଥିକ ଅବସ୍ଥା ଭଲ ନଥିଲା । ପାଠ ପଢିଥିଲେ ବି ସୁଦ୍ଧା, ଚାକିରି କରି ପଦ ପଦବୀରେ ରହିବାକୁ ଇଚ୍ଛା ନଥାଏ । ତାଙ୍କର ଏକାନ୍ତ ଇଚ୍ଛା, ଦେଶ କିପରି ସ୍ୱାଧୀନ ହେବ ।

ଇରମ ଅଞ୍ଚଳରେ ତାଙ୍କୁ ବଡ଼ ଠାରୁ ସାନ ଯାଏ, ସମସ୍ତେ ଭଲ ପାଆନ୍ତି । ଅନେକ ବାନର ସେବା ତାଙ୍କ ସଙ୍ଗୀତ ପ୍ରଭାବରେ ସୃଷ୍ଟିହୋଇ, ଇରମ ଅଞ୍ଚଳକୁ ସ୍ୱାଧୀନ ବୋଲି ଘୋଷଣା କରିଥିଲେ । ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଅନୁସାରେ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ କର୍ମୀମାନେ ସଂଗଠିତ ଭାବରେ କରୁଥାନ୍ତି । ମୁଁ ମଧ୍ୟ ସେମାନଙ୍କ ସହିତ ମିଶିଗଲି । ଗାଁ ଗାଁ ସୂତାକଟା, ସଫେଇ, ନିଶା ନିବାରଣ, ବିଦେଶୀ ବସ୍ତ୍ର ବର୍ଜନ ଆଦି କାର୍ଯ୍ୟ ଖୁବ୍ ଜୋର ସୋରରେ ଚାଲିଥାଏ । କବିଙ୍କ ଜାତୀୟ ସଙ୍ଗୀତ ଏଥିପାଇଁ ବହୁ ପ୍ରେରଣା ଯୋଗାଉଥାଏ । ଇରମ ଅଞ୍ଚଳକୁ ବାଞ୍ଛାନିଧି ଚକଡ଼ା ବୋଲି ନାମିତ କରାଯାଇଥାଏ । ସେ ଅଞ୍ଚଳରେ ଜାତିଭେଦ ନଥାଏ । ତାଙ୍କ ପ୍ରଭାବରେ ବହୁ ଶିକ୍ଷିତ, ଅଶିକ୍ଷିତ ନେତା, କର୍ମୀ ଆନ୍ଦୋଳନ ପାଇଁ ଏକତ୍ରିତ ହୋଇ ସକ୍ରିୟ ଭାବରେ କାର୍ଯ୍ୟ କରୁଥାନ୍ତି । ଜଣାଯାଏ ସତେ ଯେପରି ସମସ୍ତେ ତାଙ୍କର ମିତ୍ର, କେହି ଶତ୍ରୁ ନାହାନ୍ତି । ସେ ଅଞ୍ଚଳରେ ଥିବା ଜମିଦାର ଗୋଷ୍ଠୀ ଓ ଧନଶାଳୀ ଲୋକମାନେ ବାଞ୍ଛାନିଧିବାବୁଙ୍କ ସହିତ ଭଲ ସମ୍ପର୍କ ରଖନ୍ତି । ତାଙ୍କୁ ମଧ୍ୟ ଖାତିର କରନ୍ତି । ମୋତେ ସେ ଅଞ୍ଚଳ ପ୍ରକୃତିର ସ୍ୱାଧୀନ ଇଲାକା ପରି ଜଣାଯାଏ । ସାଧାରଣ ଲୋକଙ୍କ ଭିତରେ ଏଭଳି ଜାଗରଣ ସୃଷ୍ଟି ହୋଇଥାଏ ଯେ, ସେମାନେ ସରକାରୀ କର୍ମଚାରୀ ଓ ଧନୀ , ଜମିଦା ମାନଙ୍କୁ ଭୟ କରୁ ନଥାନ୍ତି । ବହୁଲୋକ ବିଦେଶୀ ଲୁଗା ବର୍ଜନ କରି ସ୍ୱଦେଶୀ ଲୁଗା ପିନ୍ଧୁଥାନ୍ତି । ଅଧିକାଂଶ ଲୋକ ଘରେ ସୂତା କାଟନ୍ତି । ଏପରି ଜାଗରଣ ବାଞ୍ଛାନିଧି ବାବୁଙ୍କ ପାଇଁ ସୃଷ୍ଟି ହୋଇଥିବାର ମୁଁ ଲକ୍ଷ୍ୟ କରେ । ବିଭିନ୍ନ ସ୍ଥାନରେ ନାଟକ ଅଭିନୀତ ହୋଇ କବିଙ୍କ ଜାତୀୟ ସଂଗୀତ ବୋଲାଯାଉଥାଏ । କ୍ଲବ ମାନଙ୍କରେ ତାଙ୍କ ସଙ୍ଗୀତ ବି ବୋଲାଯିବାର ଦେଖି ମୁଁ ଭାବେ ଗୋପରେ କୃଷ୍ଣ ଯେପରି ଗୋପୀ ଗୋପାଙ୍ଗନା ମାନଙ୍କୁ ନେଇ ବିଭିନ୍ନ ଲୀଳା ସୃଷ୍ଟି କରିଥିଲେ, ବାଞ୍ଛାନିଧି ବାବୁ ସେହିପରି ଇରମ ଅଞ୍ଚଳରେ ଜନ୍ମ ହୋଇ ପରାଧୀନତା ବିରୁଦ୍ଧରେ ଲଢେଇ କରିବା ପାଇଁ ଗୋଟିଏ ବିରାଟ ଯୋଜନା ସୃଷ୍ଟି କଲେଣି । ପ୍ରକୃତରେ ସ୍ୱାଧୀନ ଚେତନା ସେ ଅଞ୍ଚଳ ବାସୀଙ୍କ ହୃଦୟରେ ଫୁଟି ଉଠିଥାଏ । ସେ ତାଙ୍କର ସବୁ ପ୍ରକାର ସ୍ୱାର୍ଥକୁ ତ୍ୟଗ କରି ଦେଶର ସ୍ୱାର୍ଥକୁ ନିଜର ଧର୍ମ ଓ କର୍ମ ବୋଲି ମନେ କରୁଥିଲେ । ସେ ଗାନ୍ଧୀ, ସୁଭାଷ ଓ ଗୋପବନ୍ଧୁ ପ୍ରମୁଖ ଦେଶପ୍ରେମୀ ମାନଙ୍କୁ ଖୁବ୍ ଭକ୍ତି କରୁଥାନ୍ତି ।

ସେ ଗୋଟିଏ ନାଟକ ଦଳ ଗଠନ କରିଥିଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଓ ଅନୁଷ୍ଠାନ ମାନଙ୍କରେ ନାଟକ ପ୍ରଦର୍ଶନ କରି ତହିଁରୁ ଯତ୍‌କିଞ୍ଚିତ ଅର୍ଥ ଉପାର୍ଜନ କରନ୍ତି ସେଥିରୁ ଦଳର ଲୋକମାନଙ୍କୁ ସାହାଯ୍ୟ ଦିଅନ୍ତି । ବିଭିନ୍ନ ସାମାଜିକ କାର୍ଯ୍ୟରେ ଅର୍ଥ ବିତରଣ କରନ୍ତି । ସେ ଓଡ଼ିଶାର ବିଭିନ୍ନ ସହର ଓ ଗଡ଼ଜାତର ରାଜା ରାଜୁଡ଼ାଙ୍କ ଗଡ଼ରେ ନାଟକ ଅଭିନୟ ପାଇଁ ଯାଉଥିଲେ । ନାଟକ ଚାଲିଥିବା ସମୟରେ କବି ନିଜେ ଜାତୀୟ ସଙ୍ଗୀତ ବୋଲନ୍ତି । ଆବଶ୍ୟକ ପଡ଼ିଲେ ଅଭିନେତା ଭାବରେ ଅଭିନୟ କରନ୍ତି । ସେଥିରୁ ମିଳୁଥିବା ଅର୍ଥ ଖର୍ଚ୍ଚ କରି ସାରା ଭାରତରେ ବଡ଼ ବଡ଼ ସଭାରେ ଯୋଗଦିଅନ୍ତି । ମୁଁ ସେହି ଦଳରେ ମିଳି ତାଙ୍କର ସହକର୍ମୀ ହିସାବରେ ବିଭିନ୍ନ ସ୍ଥାନକୁ ଯାଉ, ସଭା ସମିତିରେ ଯୋଗ ଦେବା ସଙ୍ଗେ ସଙ୍ଗେ ତାଙ୍କ ଜାତୀୟ ସଂଗୀତ ବୋଲିବା, କିଛି ଚାନ୍ଦା ସଂଗ୍ରହ କରିବା ଆଦି କାର୍ଯ୍ୟ କରୁଥିଲି । କବି ଯେଉଁ କବିତା ସବୁ ରଚନା କରନ୍ତି, ସେଗୁଡ଼ିକ ସେ ବସିଥିବା ବେଳେ, ଶୋଇଥିବା ବେଳେ, ବାଟରେ ଯାଉଥିବା ବେଳେ ମନେ ମନେ ଗୁଣୁ ଗୁଣୁ ସ୍ୱରରେ ଭାବୁଥାନ୍ତି । ପୁଣି ମୁଖସ୍ତ କଲା ପରି ଗାଇବା ଆରମ୍ଭ କରନ୍ତି । ଏମିତି ନିର୍ଦ୍ଦିଷ୍ଟ ଭାବରେ ତାଙ୍କ କବିତାର କୌଣସି ଖାତା ପତ୍ର ନଥାଏ । ଦେଶପ୍ରେମୀ ଶ୍ରୋତା ମାନେ ତାଙ୍କ ଠାରୁ ସଂଗ୍ରହ କରି ବୋଲନ୍ତି, ପରେ ଖାତା ପତ୍ରରେ ଲେଖି ରଖନ୍ତି । କବି ନିଜେ ଯେତେବେଳେ ତାଙ୍କ ସଂଗୀତକୁ ଯେକୌଣସି ସ୍ଥାନରେ ଗାନ କରନ୍ତି । ସେତେବେଳେ ରାଜା ମହାରାଜା, ଧନୀ, ଜମିଦାର ସରକାରୀ କର୍ମଚାରୀ, ସାଧାରଣ ଶିକ୍ଷିତ, ଅଶିକ୍ଷିତ ଲୋକେ ଏତେ ଆନନ୍ଦ ଅନୁଭବ କରନ୍ତି ଓ କରତାଳି

ଦିଅନ୍ତି ଯେ ତାହା ଯିଏ ଦେଖେ, ସେ ଆଶ୍ଚର୍ଯ୍ୟ ହୋଇଯାଏ ।

୧୯୩୮ ମସିହା ଅପ୍ରେଲ ମାସରେ କବି ନାଟକ ଦଳ ତାଳଚେରରେ ଛାଡ଼ି ଡେଲାଙ୍ଗ ସମ୍ମିଳନୀରେ ଯୋଗଦେବାକୁ ଆସିଲେ । ମହାତ୍ମାଗାନ୍ଧୀ ସେହି ସମ୍ମଳନୀରେ ଯୋଗ ଦେଇଥିଲେ । ସେହି ବିରାଟ ସମ୍ମିଳନୀରେ ଯୋଗଦେଇ ସେ ତାଳଚେର ଫେରି ଆସିଲେ । ଏହି ସମୟରେ ତାଙ୍କୁ ଜ୍ୱର ହେଲା । ଜ୍ୱର କେତେଦିନ ଧରି ଛାଡ଼ିଲା ନାହିଁ । ମୁଁ ତାଙ୍କ ସେବା କରୁଥାଏ । ଦୁଇ ଦିନି ଦିନ ପରେ ଦେଖାଗଲା ଯେ ତାଙ୍କ ଦେହରେ ବସନ୍ତ ରୋଗ ଫୁଟି ଉଠିଲାଣି । ସେ ଏଥିପାଇଁ ତାଙ୍କୁ ଭଦ୍ରକ ବାସ ଗୃହରେ ଛାଡ଼ିବା ପାଇଁ କହିଲେ । ତାଳଚେର ଅଭିନୟ ସାରି ସେ ନାଟକ ଦଳ ସହ ଫେରିଲେ । ମାତ୍ର ଜ୍ୱର ଅଧିକ ଜଣାଯିବାରୁ ତାଙ୍କୁ ଦୁଇଜଣ ଲୋକ ଆଣି ଭଦକ୍ର ବାସଗୃହରେ ଛାଡ଼ିଦେଇ ଗଲେ । ନାଟକ ଦଳ ପୂର୍ବ ଚୁକ୍ତି ଅନୁଯାୟୀ ଦୁଇଟି ସ୍ଥାନ ଜଗତପୁର ଓ ପଦ୍ମପୁରରେ ଅଭିନୟ କରି ନୟାଗଡ଼ରେ ପହଞ୍ଚିଲା । ନୟାଗଡ଼ରେ ନାଟକ ହେଉଥିବା ଅବସ୍ଥାରେ ଖବର କାଗଜରୁ ଆମ୍ଭେମାନେ ଶୁଣିଲୁ ଯେ ବାଞ୍ଛାନିଧି ବାବୁ ଆଉ ଇହଧାମରେ ନାହାନ୍ତି । ଏକଥା ଶୁଣି ମୁଁ କାନ୍ଦି ପକାଇଲି । ସାରା ଓଡ଼ିଶାରେ ଶୋକର ଛାୟା ଖେଳିଗଲା । ତାଙ୍କ ପରି ତ୍ୟାଗୀ, ଦାନୀ, ଦେଶ ପ୍ରେମୀ ବ୍ୟକ୍ତି ଖୁବ୍ ବିରଳ । ସେ ପ୍ରକୃତରେ ବାଞ୍ଛାନିଧି ଦୟାନିଧି, ଦରିଦ୍ର ନିଧି, ହୃଦୟ ନିଧି ହୋଇ ପାରିଥିଲେ ।

ସ୍ୱାଧିନତା ସଂଗ୍ରାମୀ
ଗୋକୁଳପୁର, ନାୟକାଣୀ ଡ଼ିହ, ବାସୁଦେବପୁର